# ଓଡିଶାରେ ସୂଚନା ଅଧିକାର ଆଇନ୍‌ର ଧାରା ୪ର ଏକ ସଫଳ କାହାଣୀ : ଗାଇସିଲଟ୍‌ର ବି.ପି.ଏଲ୍. ଲୋକେ ସେମାନଙ୍କ ବାଟମାରଣା ଚାଉଳ ଫେରିପାଇଲେ

ଆମ ରାଜ୍ୟରେ ସୂଚନା ଅଧିକାର ଆଇନ୍ -୨୦୦୫ର ଧାରା ୬ ବଳରେ ଦରଖାସ୍ତ କରି ସଂପୃକ୍ତ ସରକାରୀ ଦପ୍ତରରେ ଉପେକ୍ଷିତ ଅବସ୍ଥାରେ ଦୀର୍ଘଦିନ ଧରି ପଡିରହିଥିବା ନିଜର ବ୍ୟକ୍ତିଗତ ବକେୟା ପ୍ରାପ୍ୟ ହାସଲ କରିଥିବାର ସୁଖବର ବିଭିନ୍ନ ସମୟରେ ଗଣମାଧ୍ୟମରୁ ଜାଣିବାକୁ ମିଳିଛି । କିନ୍ତୁ ଏହି ଆଇନର ଆଉ ଏକ ଧାରା (ଧାରା ୪) ବଳରେ ଜନସାଧାରଣଙ୍କ ସମୂହ ସମସ୍ୟା ଯେ ସହଜରେ ସମାଧାନ ହୋଇପାରିବ, ସେପ୍ରକାର ଦୃଷ୍ଟାନ୍ତ କ୍ୱଚିତ୍ ଦେଖିବାକୁ ମିଳିଛି । କିନ୍ତୁ ନିକଟ ଅତୀତରେ ବରଗଡ ଜିଲ୍ଲାର ପଦ୍ମପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ଗାଇସିଲଟ୍ ବ୍ଲକ୍‌ରେ ଲୋକବିକାଶ ସଂଗଠନ ତରଫରୁ ଅନୁଷ୍ଠିତ ହୋଇଥିବା ଆନ୍ଦୋଳନ ସୂଚାଇ ଦିଏ ଯେ, ଲୋକେ ଯଦି ସଂଗଠିତ ହୋଇ ସେମାନେ ବଞ୍ଚିତ ହୋଇଥିବା ପ୍ରାପ୍ୟକୁ ହାସଲ କରିବା ପାଇଁ ସୂଚନା ଅଧିକାର ଆଇନ୍‌ର ଧାରା ୪କୁ ପ୍ରୟୋଗ କରନ୍ତି ତେବେ ସେମାନଙ୍କ ପ୍ରାପ୍ୟ ନିଶ୍ଚିତ ରୂପେ ମିଳିବ, ଏଥିରେ ସନ୍ଦେହ ନାହିଁ ।୍

## ଦୁର୍ନୀତିର ଦୁଷ୍ଟଚକ୍ର

ଗାଇସିଲଟ୍ ବ୍ଲକ୍‌ର ବିଭିନ୍ନ ପଞ୍ଚାୟାତରେ ମୁଖ୍ୟତଃ ଗରୀବ ହରିଜନ ଓ ଆଦିବାସୀ ଲୋକେ ବାସ କରନ୍ତି । ଏହି ଅଞ୍ଚଳ କ୍ରମାଗତ ଭାବେ ମରୁଡି ପ୍ରପୀଡିତ ମଧ୍ୟ । ସେମାନଙ୍କର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଏବଂ ବିପୁଳ ଅର୍ଥବ୍ୟବସ୍ଥା ଥିଲେ ହେଁ, ସେସବୁର ସୁଫଳ ସାଧାରଣ ଲୋକଙ୍କ ପାଖରେ ନପହଞ୍ଚି ସବୁବେଳେ ବାଟମାରଣା ହୋଇଥାଏ । ଜିଲ୍ଲାଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ପ୍ରତିସ୍ତରରେ ଦୁନୀତିଗ୍ରସ୍ତ ଅଫିସର୍ , ଅସାଧୁ ପଞ୍ଚାୟତ କର୍ମକର୍ତ୍ତା ଏବଂ ମୁନାଫାଖୋରୀ ଡିଲର୍/ଏଜେଣ୍ଟଙ୍କ ଦୁଷ୍ଟଚକ୍ର ସକ୍ରିୟ ରହି ଏହି ବାଟମାରଣା କାର୍ଯ୍ୟ ବର୍ଷତମାମ ଚଳାଇଥାନ୍ତି । ସାଧାରଣ ଲୋକେ ଏହି ଦୁଷ୍ଟଚକ୍ରର ହେରାଫେରି ବିଷୟରେ ମୋଟାମୋଟି ଜାଣୁଥିଲେ ହେଁ, ସେମାନେ ନିଜର ନିରକ୍ଷରତା ଓ ଅଜ୍ଞତା ଯୋଗୁଁ ସେମାନଙ୍କ କାଗଜକଲମର କାରସାଦିକୁ ବୁଝିପାରନ୍ତି ନାହିଁ କି ଏହାକୁ ପର୍ଦ୍ଦାଫାଶ କରିପାରନ୍ତି ନାହିଁ । ସୁତରାଂ ନିଜ ଭାଗ୍ୟକୁ ଆଦରି ସେମାନେ ଉପାସଭୋକରେ ଦିନ କାଟନ୍ତି ଏବଂ ଅବସ୍ଥା ଅତ୍ୟନ୍ତ ଅସମ୍ଭାଳ ହେଲେ ରାଜ୍ୟର ଅନ୍ୟଜାଗାକୁ ବା ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ସମୂହସଂଖ୍ୟାରେ ପଳାଇଯାଆନ୍ତି ।

## ବି.ପି.ଏଲ୍. ଚାଉଳରେ ବ୍ୟାପକ ହେରାଫେରି

ସ୍ଥାନୀୟ ଲୋକଙ୍କ ସଚେତନତା ଓ ସଂଗଠିତ ଶକ୍ତି ମାଧ୍ୟମରେ ଏପ୍ରକାର ଦୟନୀୟ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ସକାଶେ ଜାନୁଆରୀ ୨୦୦୫ରେ ଗାଇସିଲଟ୍ ବ୍ଲକ୍‌ରେ ଗଢିଉଠେ ଲୋକବିକାଶ ସଂଗଠନ, ଯେଉଁଥିରେ ବିଭିନ୍ନ ପଞ୍ଚାୟତ ଅଧୀନସ୍ଥ ପ୍ରତି ଗାଁରେ ଗଢିଉଠିଥିବା ଗୋଟିଏ ଗୋଟିଏ ଗାଁ କମିଟି ଭାଗୀଦାର ରହନ୍ତି । ଏହି ସଂଗଠନ ପ୍ରଥମେ ହାତକୁ ନିଏ ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥା (ପି.ଡି.ଏସ୍.)ରେ ହେଉଥିବା ବ୍ୟାପକ ବାଟମାରଣା ସମସ୍ୟାକୁ । ସମସ୍ତେ ଜାଣନ୍ତି, ଗାଇସିଲଟ୍ ଏକ ମରୁଡିପ୍ରବଣ ଅଞ୍ଚଳ ହୋଇଥିବାରୁ ବି.ପି.ଏଲ୍., ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନା ଅନୁଯାୟୀ ରିହାତି ମୂଲ୍ୟରେ ଗରୀବ, ଅତିଗରୀବ ଏବଂ ସାଧାରଣ ଲୋକଙ୍କ ଉପଯୋଗ ପାଇଁ ବ୍ୟାପକ ପରିମାଣର ଚାଉଳ ପ୍ରତିମାସରେ ବ୍ଲକ୍‌କୁ ଆସିଥାଏ । କିନ୍ତୁ ସେହି ଚାଉଳ ଲୋକଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ଯୋଗାଣ ବିଭାଗ ଅଧିକାରୀ, ସେମାନଙ୍କ ଦ୍ୱାରା ନିଯୁକ୍ତ ଷ୍ଟୋରେଜ୍ ଏଜେଣ୍ଟ, ବ୍ଲକ୍ ପ୍ରଶାସନ ଏବଂ ଅସାଧୁ ପଞ୍ଚାୟତ କର୍ମକର୍ତ୍ତାଙ୍କ ଦ୍ୱାରା ନିୟମିତ ବାଟମାରଣା ହୋଇଥାଏ । ତେଣୁ ଲୋକବିକାଶ ସଂଗଠନ ଡାକରାରେ ଗାଇସିଲଟ୍ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ପଲ୍ଲିସଭାମାନ କରାଯାଇ ଏହି ବାଟମାରଣା ସମସ୍ୟାର ପ୍ରତିକାର ସହିତ ଚାଉଳ ବଣ୍ଟନରେ ନିୟମିତତା ଆଣିବା ପାଇଁ ଆନ୍ଦୋଳନ ଚାଲୁ ରଖିବା ସକାଶେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେଲା ।

## ପ୍ରଥମ ଆନ୍ଦୋଳନ

ପ୍ରଥମେ ଏପ୍ରିଲ୍ ୨୦ ତାରଖ ୨୦୦୬ ସୁଦ୍ଧା ବି.ଡି.ଓ.ଙ୍କୁ ଅନିୟମିତତାର କୈଫିୟତ ମାଗିବା ସହିତ ବାଟମାରଣା ଚାଉଳକୁ ତୁରନ୍ତ ଆବଣ୍ଟନ କରେଇବା ପାଇଁ ପଲ୍ଲୀସଭାମାନଙ୍କ ତରଫରୁ ଦାବୀପତ୍ର ଦିଆଗଲା । କିନ୍ତୁ ବି.ଡି.ଓ. ନିରୁତ୍ତର ରହିବାରୁ ୨୦ ଏପ୍ରିଲ୍ ଦିନ

ଲୋକବିକାଶ ସଂଗଠନ ଡାକରାରେ ବହୁସଂଖ୍ୟାରେ ଲୋକେ ଆସି ବ୍ଲକ୍ ଅଫିସ୍‌କୁ ଘେରାଉ କଲେ । ଏହି ଘେରାଉ କାର୍ଯ୍ୟକ୍ରମ ଚାପରେ ଉପ-ଜିଲ୍ଲାପାଳ, ବି.ଡି.ଓ. ତଥା ତହସିଲ୍‌ଦାର ଚାଉଳ ହେରାଫେରିର ସତ୍ୟତା ସ୍ୱୀକାର କରିବା ସହିତ ଆନ୍ଦୋଳନକାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଲେ ଯେ, ୨ମାସ ଭିତରେ ବକେୟା ଚାଉଳର ଆବଣ୍ଟନ ବ୍ୟବସ୍ଥା କରାଇବେ । ଏହାପରେ ନିଜେ ଉପଜିଲ୍ଲାପାଳ ୧୮ ମେ ୨୦୦୬ରେ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଲେ ଯେ, ୮ଟି ପଞ୍ଚାୟତର କେବଳ ଜୁଲାଇ-ଅକ୍ଟୋବର ୨୦୦୫ କିସ୍ତିରୁ ମୋଟ ୨୬୯୫ କୁଇଣ୍ଟାଲ ଚାଉଳ ବକେୟା ରହିଛି ଏବଂ ତାହାକୁ ତୁରନ୍ତ ବଣ୍ଟାଯିବା ଦରକାର ।

## ଦ୍ୱିତୀୟ ଆନ୍ଦୋଳନ

କିନ୍ତୁ ଏହି ପ୍ରତିଶ୍ରୁତିକୁ ସେମାନେ କେହି ରକ୍ଷା ନକରିବାରୁ ଲୋକବିକାଶ ସଂଗଠନ ତରଫରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯିବା ସହିତ ଜିଲ୍ଲାପାଳଙ୍କୁ ଓ ଜିଲ୍ଲାର ଅନ୍ୟ ଅଧିକାରୀମାନଙ୍କୁ ବିଭିନ୍ନ ଉପଲକ୍ଷରେ ସାକ୍ଷାତ କରି ସମସ୍ୟାର ଗମ୍ଭୀରତା ସମ୍ବନ୍ଧରେ ସୂଚାଇ ଦିଆଗଲା । କିନ୍ତୁ ପ୍ରତିଥର ପ୍ରଶାସନ ଚିକ୍‌କଣ କଥା ସାଙ୍ଗକୁ ଟାଳଟୁଳ ମତିଗତିର ଦୋମୁହାଁ ନୀତି ଦେଖାଇବାରୁ ଲୋକବିକାଶ ସଂଗଠନ ତରଫରୁ ପୁଣି ଏକ ଆନ୍ଦୋଳନର ଡାକରା ଦିଆଗଲା । ପରିଶେଷରେ ଗତ ୧୬ ଅକ୍ଟୋବର ୨୦୦୬ରେ ହଜାରହଜାର ପୁରୁଷ ଓ ସ୍ତ୍ରୀ ନିଜର ଛୁଆପିଲା ସହିତ ଗାଇସିଲଟ୍ ବ୍ଲକ୍‌ରେ ରୁଣ୍ଡ ହେଲେ, ତଥା ସୂଚନା ଅଧିକାର ଆଇନ୍‌ର ଧାରା ୪ ଅଧୀନରେ ଚାଉଳ ହେର୍‌ଫେର୍ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ସେହି ଜାଗାରେ, ତତ୍‌କ୍ଷଣାତ୍ ନିରୀକ୍ଷଣ ( ଇନ୍‌ସ୍ପେକ୍‌ସନ୍ ) କରିବାକୁ ଚାହିଁଲେ ତଥା ସେମାନଙ୍କର ବକେୟା ଚାଉଳ ନମିଳିବା ଯାଏଁ ସେ ଜାଗାରୁ ସେମାନେ ଉଠିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଲେ । ପ୍ରାୟ ଆଠଘଣ୍ଟା ଧରି ଗାଇସିଲଟ୍ ବି.ଡି.ଓ. ଅଟକ ରହିବା ପରେ ବରଗଡ ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଥମେ ଲୋକଙ୍କ ସହ ଏକ ସୂଚନାର ଚାଲ୍‌ବାଜି ଖେଳିଥିଲେ; ସେ କହିଲେ ଯେ, ଆଦିବାସୀ ବା ମରୁଡିପ୍ରବଣ ଇଲାକା ପାଇଁ ଉଦ୍ଦିଷ୍ଟ କେଜି ୬ଟ. ୩୦ପ. ଦରର ଚାଉଳ ଗାଇସିଲଟ୍‌କୁ ଆସୁନାହିଁ , ଏବଂ ଏହି ଚାଲ୍‌ବାଜିକୁ ସ୍ଥାନୀୟ ଥାନା ଅଧିକାରୀ ମଧ୍ୟ ଶୁଣ୍ଢୀ ସାକ୍ଷୀ ମାତାଲ୍ ଭଳି ସମର୍ଥନ କରୁଥିଲେ । କିନ୍ତୁ ଲୋକବିକାଶ ସଂଗଠନ ଦ୍ୱାରା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରୁ ପୂର୍ବରୁ ସଂଗୃହୀତ ସୂଚନା ଫର୍ଦ୍ଦ ସାହାଯ୍ୟରେ ସେହି ଚାଲବାଜିକୁ ମିଥ୍ୟା ବୋଲି ସମସ୍ତଙ୍କ ସାମନାରେ ପ୍ରମାଣିତ କରିଦିଆଗଲା । ନିଜ ଦପ୍ତରର ଦଲିଲ୍‌କୁ ଖଣ୍ଡନ କରିନପାରି ଅତିରିକ୍ତ ଯୋଗାଣ ଅଧିକାରୀ ମଧ୍ୟ ନିଜର ପ୍ରଥମ ଉକ୍ତିକୁ ପ୍ରତ୍ୟାହାର କରିଥିଲେ । ଏହାପରେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ସାକ୍ଷୀ ରଖି ବି.ଡି.ଓ., ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଅତିରିକ୍ତ ଯୋଗାଣ ଅଧିକାରୀ ଏକ ଲିଖିତ ପ୍ରତିଶ୍ରୁତି ଦେଲେ ଯେ, (୧) ଏଣିକି ୬ଟ. ୩୦ପ. ଦରର ବି.ପି.ଏଲ୍. ଚାଉଳ ନିୟମିତ ଭାବେ ଉଠାଯିବ ଓ ଆବଣ୍ଟନ କରାଯିବ; (୨) ନିକଟରେ ଉଠାଯାଇଥିବା ୬୧୮ କ୍ୟୁଇଣ୍ଟାଲ୍ ଚାଉଳର ବିବରଣୀ ଆସନ୍ତା ୧୯.୧୦.୨୦୦୬ ସୁଦ୍ଧା ପ୍ରକାଶ କରାଯିବ । ଏହି ଲିଖିତ ପ୍ରତିଶ୍ରୁତି ପାଇଲା ପରେ ପ୍ରାୟ ରାତି ୯ଟା ୩୦ରେ ଆନ୍ଦୋଳନକାରୀମାନେ ସେମାନଙ୍କର ଧର୍ମଘଟ ପ୍ରତ୍ୟାହାର କରିଥିଲେ ।

## ଗାଇସିଲଟ୍ ପରୀକ୍ଷାରୁ ଶିକ୍ଷା

ଏହି ଧର୍ମଘଟର ଠିକ୍ ତିନିଦିନ ପରେ ଅର୍ଥାତ୍ ୧୯ ଅକ୍ଟୋବର ୨୦୦୬ରେ ବି.ଡି.ଓ. ଗାଇସିଲଟ୍ ଲୋକବିକାଶ ସଂଗଠନଙ୍କୁ ଚିଠି ଦ୍ୱାରା ଜଣାଇଦେଲେ ଯେ, ଗତ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ୨୦୦୬ର କିସ୍ତି ବାବଦ ବି.ପି.ଏଲ୍. ଚାଉଳ ଆସିଯାଇଛି ଓ ଲୋକମାନେ ଏହାକୁ ନେଇପାରନ୍ତି । ଏହାପରେ ଦେଖାଗଲା ଯେ. ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା ଦ୍ୱାରା ପ୍ରଶାସନ ତରଫରୁ ଏହି ବକେୟା ଚାଉଳ ଯୁଦ୍ଧକାଳୀନ ଭିତ୍ତିରେ ବଣ୍ଟାଗଲା ଏବଂ ଲୋକବିକାଶ ସଂଗଠନର କର୍ମକର୍ତ୍ତାମାନେ ଏହା ତଦାରଖ କଲେ । ଏହି ପଦକ୍ଷେପ ଦ୍ୱାରା ଗାଇସିଲଟ୍ ବ୍ଲକ୍‌ର ଗରୀବ ଲୋକଙ୍କ ସମସ୍ୟାର ସମାଧାନ ଯେ ହୋଇପାରିଛି, ଅଥବା ଏପରିକି ବିପର୍ଯ୍ୟସ୍ତ ପି.ଡି.ଏସ୍. କୁ ସୁଧରା ଯାଇପାରିଛି ତାହାନୁହେଁ, କିନ୍ତୁ ଏସବୁ ବୃହତ୍ତର ଜନସ୍ୱାର୍ଥ ହାସଲର ରାସ୍ତା ଲୋକେ ସେମାନଙ୍କ ନଜସ୍ୱ ସମୂହ ଅନୁଭୂତିରୁ ଠାବ କରିପାରିଛନ୍ତି- ତାହାହେଲା ସୂଚନା ଅଧିକାର ଆଇନ୍‌ର ଧାରା ୪ ସହିତ ଅହିଂସ ଓ ଆପୋଷହୀନ ସତ୍ୟାଗ୍ରହର ଏକ ଯଥାର୍ଥ ସମ୍ମିଶ୍ରଣ ।

*ଫକୀର ଚରଣ ରାଉତ, ସଂଯୋଜକ, ସାମୂହିକ ମରୁଡି ପ୍ରତିକାର ଉଦ୍ୟମ, ନେଟ୍‌ୱାର୍କ, ସା/ଡାକ- ପଦମ୍ପୁର, ଜି- ବରଗଡ*
*ଫୋନ୍ – ୦୬୬୮୩-୨୨୩୮୬୭*